# NATIONAL NEWS BULLETIN (ODIA)

**13 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅହମ୍ମଦାବାଦ ବିମାନ ଦୁର୍ଘଟଣାର ଆହତ ବ୍ୟକ୍ତିମାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

– ଏକମାତ୍ର ଜୀବିତ ବିଶ୍ୱାସ କୁମାର ପ୍ରଧାନମନ୍ତ୍ରୀଙ୍କୁ କହିଲେ ଦୁର୍ଘଟଣାର ବିବରଣୀ

- ଆମେରିକା ରାଷ୍ଟ୍ରପତି ଓ ଜାତିସଂଘ ମହାସଚିବଙ୍କ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ଶୋକ ପ୍ରକାଶ

- ଇସ୍ରାଏଲ୍‌ର ଅତର୍କିତ ଆକ୍ରମଣ ଯୋଗୁଁ ଇରାନ ସେନା କମାଣ୍ଡର ଜେନେରାଲ୍ ହୋସେନ ସଲାମି ମୃତ

- ଦକ୍ଷିଣ ଆଫ୍ରିକାରେ ପ୍ରବଳ ବନ୍ୟା -୭୮ ମୃତ, ଅନେକ ନିଖୋଜ

ଏବଂ

- ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଆସନ୍ତାକାଲି ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ

## ପିଏମ୍–ଅହମ୍ମଦାବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଅହମ୍ମଦାବାଦ ଗସ୍ତ କରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ

ହସ୍ପିଟାଲରେ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅହମ୍ମଦାବାଦର ଏହି ଦୁଃଖଦ ଘଟଣା ସମସ୍ତଙ୍କୁ ଗଭୀର ଆଘାତ ଦେଇଛି । ଯେଉଁଭଳି ଭାବରେ ଯାତ୍ରୀମାନଙ୍କର ହଠାତ୍ ଜୀବନହାନି ଘଟିଛି ତାହା ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ । ମୃତକଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ଗଭୀର ସମବେଦନା ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରର ପୀଡ଼ା ଓ ଦୁଃଖକୁ ସେ ବୁଝିପାରୁଛନ୍ତି ଏବଂ  ସେମାନଙ୍କ ପାଇଁ ଏହି କ୍ଷତି ଅପୂରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରୀ ମୋଦୀ ବିମାନ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ସେ ସାକ୍ଷାତ କରିଛନ୍ତି । ଏହି ବିମାନ ଦୁର୍ଘଟଣାରେ ଏକମାତ୍ର ଜୀବିତ  ବିଶ୍ୱାସ କୁମାରଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ହସ୍ପିଟାଲରେ ଭେଟିଥିଲେ । ଶ୍ରୀ ବିଶ୍ୱାସ ପ୍ରଧାନମନ୍ତ୍ରୀଙ୍କୁ ଗତକାଲିର ଦୁର୍ଘଟଣା ସଂପର୍କରେ ବର୍ଣ୍ଣନା କରିଥିଲେ :

**V/O (Biswas Kumar)**

ସୂଚନାଯୋଗ୍ୟ ଗତକାଲି ଏୟାର ଇଣ୍ଡିଆର ବୋଇଂ ୭୮୭-୮ ବିମାନଟି ଉଡ଼ାଣ ଆରମ୍ଭ କରିବା ପରେ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।  ବିମାନରେ ଯାତ୍ରୀ ଓ ବିମାନ ପରିଚାଳନା ସଦସ୍ୟଙ୍କୁ ମିଶାଇ ୨୪୨ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ସ୍ପଷ୍ଟ କରିଛି ।

ବିମାନଟି ସ୍ଥାନୀୟ ବିଜେ ମେଡ଼ିକାଲ କଲେଜ ଆବାସିକ ସ୍ଥଳୀ ଉପରେ ପଡ଼ିବାରୁ ସେଠାରେ ଥିବା ୨୪ଜଣ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁଙ୍କ ଘଟିଛି । ବିମାନ ଖସିପଡ଼ିଥିବା ଅଞ୍ଚଳରେ ପାର୍କିଂ ହୋଇଥିବା ଅନେକ ଯାନବାହାନ କ୍ଷତିଗ୍ରସ୍ତ

ହୋଇଛି । ୭ଟି ଦମକଳକୁ ନିଆଁକୁ ଆୟତ୍ତ କରିବା ପାଇଁ ପାଞ୍ଚଘଣ୍ଟା ସମୟ ଲାଗିଥିବା ଜଣାପଡ଼ିଛି ।

## ପ୍ଲେନ୍ କ୍ରାସ୍-କଣ୍ଡୋଲେନ୍ସ

ଅହମ୍ମଦାବାଦ ବିମାନ ଦୁର୍ଘଟଣା ଘଟଣାରେ ବିଭିନ୍ନ ଦେଶର ନେତୃବୃନ୍ଦ ଦୁଃଖ ପ୍ରକାଶ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଃଖ ପ୍ରକାଶ କରିବା ସହ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ଲାଗି କହିଛନ୍ତି । ସେ କହିଛନ୍ତି, ଏଭଳି ଘଟଣାର ମୁକାବିଲା ଲାଗି ଭାରତ ସମର୍ଥ । ତେବେ କୌଣସି ପ୍ରକାରର ସହାୟତା କରିବା ଲାଗି ଆମେରିକା ପ୍ରସ୍ତୁତ ରହିଛି । ସେ କହିଛନ୍ତି, ବିମାନଟି ଉଡ଼ାଣ ଆରମ୍ଭ କରିବା ବେଳେ ଠିକ୍ ଠାକ୍ ଲାଗୁଥିଲେ ମଧ୍ୟ କୌଣସି କାରଣ ଯୋଗୁଁ ବିମାନ ଇଞ୍ଜିନ୍‌କୁ ଶକ୍ତି ଯୋଗାଣ ବ୍ୟାହତ ହୋଇଥାଇପାରେ । ବିମାନ ଚଳାଚଳ ଇତିହାସରେ ଏହା ସବୁଠାରୁ ଦୁଃଖଦ ଘଟଣା ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ଶୋକବାର୍ତ୍ତା ପଠାଇଛନ୍ତି । ମାଲଦୀପ ରାଷ୍ଟ୍ରପତି ମହମ୍ମଦ ମୋଇଜୁ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଭାରତର ଜନସାଧାରଣଙ୍କ ସହ ମାଲଦୀପ ରହିଛି ବୋଲି କହିଛନ୍ତି । କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଛନ୍ତି, ଦୁର୍ଘଟଣା ପରେ ଭାରତୀୟ ଅଧିକାରୀଙ୍କ ସହ କାନାଡ଼ା ସରକାର ନିରନ୍ତର ଯୋଗାଯୋଗରେ ଅଛନ୍ତି ।

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍‌ସ୍କି ସାମାଜିକ ଗଣମାଧ୍ୟମରେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ଦୁଃଖ ପ୍ରକାଶ

କରିଛନ୍ତି । ୟୁରୋପୀୟ ସଂଘର ଅଧ୍ୟକ୍ଷ ମଧ୍ୟ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି ବର୍ଣ୍ଣନା କରିଛନ୍ତି । ଲଣ୍ଡନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏହି ବିମାନ ଦୁର୍ଘଟଣାରେ ବ୍ରିଟିଶ୍ ନାଗରିକମାନଙ୍କ ମୃତ୍ୟୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ, ଫ୍ରାନ୍ସ ରାଷ୍ଟ୍ରପତି ଏବଂ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିମାନ ଦୁର୍ଘଟଣା ଘଟଣାରେ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଆହତମାନଙ୍କ ଆଶୁଆରୋଗ୍ୟ କାମନା କରି ଜାତିସଂଘ ସାଧାରଣ ସଭା ଅଧ୍ୟକ୍ଷ ଫିଲେମନ ୟଙ୍ଗ ସାମାଜିକ ଗଣମାଧ୍ୟମରେ ମୃତକଙ୍କ ପରିବାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବିମାନ ପରିଚାଳନା ସଦସ୍ୟଙ୍କ ମଧ୍ୟରେ ମିଜୋରାମର ଜଣେ ୨୮ ବର୍ଷୀୟ ଯୁବକ ଥିବା ବେଳେ ମୁମ୍ବାଇର ୩ ଜଣ ଅଛନ୍ତି । ମୁମ୍ବାଇର ଦୀପକ ପାଠକ, ରୋଶ୍ନୀ ସିଙ୍ଘାରେ ଏବଂ ମୈଥିଳି ପାଟିଲ୍ ପ୍ରାଣ ହରାଇଛନ୍ତି । ଇତିମଧ୍ୟରେ ମୃତକଙ୍କ ସଂପର୍କୀୟମାନଙ୍କ ପାଇଁ ମୁମ୍ବାଇ ବିପର୍ଯ୍ୟୟ ପରିଚାଳନା ଶାଖା ପକ୍ଷରୁ ହେଲ୍ପ୍ ଲାଇନ୍ ନମ୍ବର ଜାରି କରାଯାଇଛି ।

## ଅହମ୍ମଦାବାଦ-ସର୍ଭାଇଭର

ଜୀବନ ନିଶ୍ଚିତ ବିପଦମୁହାଁ ହେଉଥିବା ବେଳେ ଛୋଟିଆ ଘଟଣା ଜୀବନ ଓ ମୃତ୍ୟୁ ମଧ୍ୟରେ ଛିଡ଼ା ହୋଇ ଦିଗ ପରିବର୍ତ୍ତନ କରିଦେଇଥାଏ । ସୌଭାଗ୍ୟବଶତଃ ବିମାନ ଦୁର୍ଘଟଣାରୁ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି ଗୁଜରାଟ ବରୁଚ୍ ନିବାସୀ ଭୂମି ଚୌହାନ । ଭୂମି ଚୌହାନ ଗତକାଲି

ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆ ବିମାନରେ ଯାତ୍ରା କରିବାର ଥିଲା । କିନ୍ତୁ ସେ ୧୦ ମିନିଟ୍ ବିଳମ୍ବରେ ବିମାନ ବନ୍ଦରରେ ପହଞ୍ଚିବାରୁ ତାଙ୍କୁ ଚେକ୍ ଇନ୍ କରିବାକୁ ଦିଆଯାଇ ନଥିଲା । ଫଳରେ ସେ ବିମାନ ବନ୍ଦରରୁ ଫେରିଯାଇଥିଲେ । ଏ ସଂପର୍କରେ ଭୂମି କହିଛନ୍ତି :

**V/O**

ଯଦିଓ ସମସ୍ତେ ସେହିଭଳି ଭାଗ୍ୟବାନ ନଥିଲେ, ଅନେକଙ୍କ ପାଇଁ ଗତକାଲିର ବିମାନଯାତ୍ରା ଶେଷଯାତ୍ରା ହୋଇଥିଲା । ଲଣ୍ଡନରେ ବସବାସ କରିବା ଲାଗି ଏକ ଡାକ୍ତର ଦମ୍ପତି ପରିବାର ସହ ଏୟାର ଇଣ୍ଡିଆ ବିମାନରେ ଯାତ୍ରା କରୁଥିଲେ । କିନ୍ତୁ କିଛିକ୍ଷଣ ମଧ୍ୟରେ ସେମାନଙ୍କର ଯାତ୍ରା ଶେଷ ହୋଇଯାଇଥିଲା । ସେହିପରି ଜଣେ ୩୫ ବର୍ଷୀୟା ମହିଳା ଭଦୋଦରାରେ ନିଜ ପିତାମାତାଙ୍କ ପାଖରେ ଝିଅକୁ ଛାଡ଼ି ଲଣ୍ଡନ ଫେରୁଥିଲେ । ଅନ୍ୟପକ୍ଷରେ ଅନ୍ୟ ଦୁଇଭଉଣୀ ଲଣ୍ଡନରେ ଛୁଟି କାଟିବା ପାଇଁ ସେହି ବିମାନରେ ଯାତ୍ରା କରୁଥିଲେ ।

---

## ଇସ୍ରାଏଲ୍-ଇରାନ ଷ୍ଟ୍ରାଇକ୍

ଇରାନ ଉପରେ ଗତ ରାତିରେ ଇସ୍ରାଏଲ୍ ଅତର୍କିତ ଆକ୍ରମଣ କରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି ଇସ୍ରାଏଲ୍ ପକ୍ଷରୁ ଇରାନର ପରମାଣୁସ୍ଥଳୀ ଏବଂ ସାମରିକ ଅଧିକାରୀମାନଙ୍କ ଆଡ୍ଡା ଉପରେ ଆକ୍ରମଣ କରାଯାଇଛି ଏବଂ ଏହା ଅନେକ ଦିନ ଧରି ଚାଲିବ ।

ଏହି ଆକ୍ରମଣ ଫଳରେ ପଶ୍ଚିମ ଏସିଆରେ ପୁଣି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ସଂପୃକ୍ତ ଅଞ୍ଚଳରେ ଦେଶ ଦେଶ ମଧ୍ୟରେ ପୁଣି ଆକ୍ରମଣ-ପ୍ରତିଆକ୍ରମଣ ସମ୍ଭାବନା ଦେଖାଦେଇଛି । ଇରାନର ଇସ୍‌ଲାମିକ୍

ରିଭୋଲୁସନାରୀ ଗାର୍ଡର ମୁଖ୍ୟ କମାଣ୍ଡର ଜେନେରାଲ୍ ହୋସେନ୍ ସଲାମିଙ୍କର ଏହି ଆକ୍ରମଣରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେ ଇରାନର ଜଣେ ପ୍ରଭାବଶାଳୀ ନେତା ଥିଲେ । ଏହି ଆକ୍ରମଣରେ ମଧ୍ୟ ଇରାନ ସେନାମୁଖ୍ୟ ମହମ୍ମଦ ବାଘେରୀ ଏବଂ ପରମାଣୁ ଶକ୍ତି ସଂଗଠନର ପୂର୍ବତନ ମୁଖ୍ୟ ଫେରିଡୁନ୍ ଆବାସିଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି ।

ପ୍ରଧାନମନ୍ତ୍ରୀ ନେତନ୍ୟାହୁ କହିଛନ୍ତି, ଅପରେସନ ରାଇଜିଂ ଲାୟନ୍ ଇରାନର ସାମରିକ ଘାଟି ଏବଂ ପରମାଣୁସ୍ଥଳୀଗୁଡ଼ିକ ଉପରକୁ ଟାର୍ଗେଟ୍ କରୁଛି ।

ଇତିମଧ୍ୟରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି, ଇସ୍ରାଏଲ୍’ ଇରାନ ଉପରେ ଏକପାଖିଆ ଆକ୍ରମଣ କରିଛି ଏବଂ ଏଥିରେ ଆମେରିକାର କୌଣସି ହାତ ନାହିଁ ।

ଅନ୍ୟପକ୍ଷରେ, ଏହି ଆକ୍ରମଣ ପରେ ଇସ୍ରାଏଲ୍‌ରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ଇସ୍ରାଏଲ୍‌ର ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଜ୍ କହିଛନ୍ତି, ଇରାନ ପକ୍ଷରୁ ପ୍ରତିଆକ୍ରମଣ ସମ୍ଭାବନା ଥିବାରୁ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଇରାନ ତା’ର ବାୟୁସୀମା ବନ୍ଦ ରଖିବାକୁ ଘୋଷଣା କରିଛି ।

## ଏୟାର ଇଣ୍ଡିଆ ଡାଇଭର୍ଟେଡ୍ ଫ୍ଲାଇଟ୍‌ସ

ଇସ୍ରାଏଲ୍ ପକ୍ଷରୁ ଗତକାଲି ରାତିରେ ଇରାନ ଉପରେ ଆକାଶମାର୍ଗରୁ ଆକ୍ରମଣ ଜାରି ରହିଥିବାରୁ ଏୟାର ଇଣ୍ଡିଆ ପକ୍ଷରୁ ୧୬ଟି ଅନ୍ତର୍ଜାତୀୟ ବିମାନକୁ ମୂଳସ୍ଥାନକୁ ଫେରାଇ ଅଣାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏୟାରଇଣ୍ଡିଆ ପକ୍ଷରୁ କୁହାଯାଇଛି, ଗନ୍ତବ୍ୟସ୍ଥଳକୁ ଯିବାକୁ ଥିବା ଯାତ୍ରୀମାନଙ୍କୁ

ପହଞ୍ଚାଇବା ଲାଗି ଅନ୍ୟ ବ୍ୟବସ୍ଥା କରାଯାଉଛି । ଯାତ୍ରୀମାନଙ୍କ ଟିକେଟ୍ ବାତିଲ କ୍ଷେତ୍ରରେ ସଂପୂର୍ଣ୍ଣ ଅର୍ଥ ଫେରସ୍ତ କିମ୍ବା ସେମାନେ ଚାହିଁଲେ ଅନ୍ୟ ସମୟରେ ଟିକେଟ୍ ବୁକ୍ କରିପାରିବେ । ବାତିଲ ହୋଇଥିବା ବିମାନ ଗୁଡ଼ିକ ମଧ୍ୟରେ ଲଣ୍ଡନ ଏବଂ ନିଉୟର୍କରୁ ମୁମ୍ବାଇ ଓ ଦିଲ୍ଲୀରୁ ଯିବାଆସିବା କରିବାକୁ ଥିବା ବିମାନ ରହିଛି । ଯାତ୍ରୀମାନଙ୍କୁ ଏୟାର ଇଣ୍ଡିଆ ଓ୍ୱେବ୍‌ସାଇଟ୍‌ରେ ସଂପୂର୍ଣ୍ଣ ବିବରଣୀ ଦେଖିବା ଲାଗି ପରାମର୍ଶ ଦିଆଯାଇଛି ।

---

## ଦିଲ୍ଲୀ ଏୟାରପୋର୍ଟ-ଇରାନ ଆଡଭାଇଜରୀ

ଦିଲ୍ଲୀ ବିମାନ ବନ୍ଦରରୁ ବିମାନ ଉଡ଼ାଣ ସ୍ୱାଭାବିକ ରହିଛି । ଇରାନ, ଇରାକ ଏବଂ ପଡ଼ୋଶୀ ଦେଶଗୁଡ଼ିକରେ ବାୟୁ ସୀମାରେ ଦେଖାଦେଇଥିବା ସମସ୍ୟା ଯୋଗୁଁ କେତେକ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦର ପକ୍ଷରୁ ଯାତ୍ରୀମାନଙ୍କୁ ସେମାନଙ୍କ ସଦ୍ୟତମ ଉଡ଼ାଣ ସ୍ଥିତି ଯାଞ୍ଚ କରିବା ଲାଗି କୁହାଯାଇଛି ।

---

## ସାଉଥ୍ ଆଫ୍ରିକା-ଫ୍ଲଡ୍

ଦକ୍ଷିଣ ଆଫ୍ରିକାର ଇଷ୍ଟର୍ଣ୍ଣ କେପ୍ ଅଞ୍ଚଳରେ ପ୍ରବଳ ବନ୍ୟା ଯୋଗୁଁ ମୃତ୍ୟୁସଂଖ୍ୟା ୭୮କୁ ବୃଦ୍ଧି ପାଇଛି । ନିଖୋଜ ଲୋକମାନଙ୍କୁ ଠାବ କରିବା ଲାଗି ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଥିବା ସେଠାକାର କର୍ତ୍ତୃପକ୍ଷ କହିଛନ୍ତି । ପ୍ରବଳ ବର୍ଷା ଏବଂ ବରଫପାତ ଯୋଗୁଁ ଗତ ସପ୍ତାହରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସଂପୃକ୍ତ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ଏବଂ ବ୍ୟାପକ କ୍ଷୟକ୍ଷତି ଘଟିଛି ।

ଦକ୍ଷିଣ ଆଫ୍ରିକାର ସହଯୋଗ ମନ୍ତ୍ରୀ କହିଛନ୍ତି, ବନ୍ୟା ଜଳ ହ୍ରାସ ପାଇଲେ ଅନ୍ୟ ମୃତଦେହଗୁଡ଼ିକୁ ଉଦ୍ଧାର କରାଯିବ ।

---

# ହକି - ଏଫ୍ଆଇଏଚ୍ ପ୍ରୋ ଲିଗ୍

ନେଦରଲାଣ୍ଡରେ ଚାଲିଥିବା ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ର ଗତକାଲିର ମ୍ୟାଚ୍ରେ ଆର୍ଜେଣ୍ଟିନା ୨-୧ ଗୋଲ୍ରେ ଭାରତକୁ ପରାସ୍ତ କରିଛି । ଭାରତ ପକ୍ଷରୁ ଯୁଗରାଜ ସିଂହ  ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଟିଏ ଗୋଲ୍ ଦେଇଥିବା ବେଳେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଉଭୟ ଦଳ ୧-୧ ଗୋଲ୍ରେ ସମାନ ସ୍ଥିତିରେ ରହିଥିଲେ । ତେବେ ଖେଳର ୪୯ତମ ମିନିଟ୍ରେ ଆର୍ଜେଣ୍ଟିନା ଦ୍ୱିତୀୟ ଗୋଲ୍ କରିବାରେ ସକ୍ଷମ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତ ୧୨ଟି ମ୍ୟାଚ୍ରୁ ୧୫ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି । ଆସନ୍ତାକାଲି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପରବର୍ତ୍ତି ମ୍ୟାଚ୍ ଅନୁଷ୍ଠିତ ହେବ ।